# NATIONAL NEWS BULLETIN (ODIA)

**18 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ’ ନେପାଳ ପ୍ରତିପକ୍ଷଙ୍କ ସହ କଲେ ବାର୍ତ୍ତାଳାପ

– କହିଲେ, ଦେଶରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଭାରତର ଦୃଢ଼ ସମର୍ଥନ ରହିଛି

- ବିହାର ଦିନିକିଆ ଗସ୍ତରେ ଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପାଟନାଠାରେ ସାକ୍ଷାତ କଲେ ବିହାର ମୁଖ୍ୟମନ୍ତ୍ରୀ

- ଦେଶରେ ଯୁବକମାନଙ୍କୁ କୁଶଳୀ କରିବା ପାଇଁ ସରକାରଙ୍କ ସହ ସହଭାଗିତା ଆଧାରରେ କାର୍ଯ୍ୟ କରିବାକୁ ଶିଳ୍ପପତିମାନଙ୍କୁ ଆହ୍ୱାନ କଲେ ଅର୍ଥମନ୍ତ୍ରୀ

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟରେ ଆବୁଧାବିଠାରେ ଆଜି ସନ୍ଧ୍ୟାରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା

# ପିଏମ୍- ସୁଶୀଲା କର୍କି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କିଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ନେପାଳରେ ନିକଟରେ ଘଟିଥିବା ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପ୍ରତି ସେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଦେଶରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଭାରତର ଦୃଢ଼ ସମର୍ଥନ ରହିଥିବା କଥାକୁ ସେ ଦୋହରାଇଛନ୍ତି। ନେପାଳରେ ଆସନ୍ତାକାଲି ପାଳନ କରାଯିବାକୁ ଥିବା ଜାତୀୟ ଦିବସ ଅବସରରେ ସେ ପ୍ରଧାନମନ୍ତ୍ରୀ ଏବଂ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶାହା-ନୀତିଶ ବିହାର ମିଟିଂ

ବିହାରରେ ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନିତୀଶ କୁମାର ପାଟନାଠାରେ ଆଜି ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ଡକ୍ଟର ଦିଲୀପ ଜୟସ୍ୱାଲ, ଜେଡିୟୁ କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ସଞ୍ଜୟ ଝା, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିହାର ଦାୟିତ୍ୱରେ ଥିବା ବିଜେପି ପ୍ରଭାରୀ ବିନୋଦ ତୱାଡ଼େ, ବରିଷ୍ଠ ଜେଡିୟୁ ନେତା ତଥା ମନ୍ତ୍ରୀ ବିଜୟ କୁମାର ଚୌଧୁରୀଙ୍କ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ବୈଠକରେ ଜେଡି(ୟୁ) ଏବଂ ବିଜେପିର ଶୀର୍ଷ ନେତାମାନେ ବିହାର ବିଧାନସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ବିହାର ଦିନିକିଆ ଗସ୍ତରେ ଯାଇଛନ୍ତି। ସେ ଦେହରି-ଅନ୍-ସୋନ ଓ ବେଗୁସରାଇଠାରେ ଦଳୀୟ ନେତା, କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

## ସୀତାରମଣ-ଆଇଟିଆଇ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ କହିଛନ୍ତି, ରାଜ୍ୟର ଶିଳ୍ପ ତାଲିମ ପ୍ରତିଷ୍ଠାନ, ଆଇ.ଟି.ଆଇ. ଗୁଡ଼ିକୁ କୃତ୍ରିମ ବୁଦ୍ଧିମତା ପରିଚାଳିତ ପ୍ରଶିକ୍ଷଣ କେନ୍ଦ୍ରରେ ଉନ୍ନୀତ କରିବା ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେବେ। ନୂଆଦିଲ୍ଲୀରେ ଇଣ୍ଡିଆନ୍ ଫାଉଣ୍ଡେସନ୍ ଫର୍ କ୍ୱାଲିଟି ମ୍ୟାନେଜମେଣ୍ଟର ବାର୍ଷିକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀମତୀ ସୀତାରାମଣ କହିଛନ୍ତି, ଶିଳ୍ପର ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଇ.ଟି.ଆଇ ଗୁଡ଼ିକର ଉନ୍ନତିକରଣ କରାଯାଉଛି। ସେ କହିଛନ୍ତି, ଗତ ଦୁଇରୁ ତିନୋଟି ବାର୍ଷିକ ବଜେଟରେ ସରକାର ମାନବ ସମ୍ବଳର କାର୍ଯ୍ୟଦକ୍ଷତାକୁ ସହାୟତା କରିବା ଲାଗି ପଦକ୍ଷେପ ନେଇଛନ୍ତି। ଦେଶର ଯୁବକମାନଙ୍କୁ କୁଶଳୀ କରିବା ପାଇଁ ସରକାରଙ୍କ ସହ ସହଭାଗିତା ଆଧାରରେ କାର୍ଯ୍ୟ କରିବାକୁ ଅର୍ଥମନ୍ତ୍ରୀ ସୀତାରମଣ ଶିଳ୍ପପତିମାନଙ୍କୁ ଆହ୍ୱାନ କରିଛନ୍ତି।

# ସେବା ପର୍ବ-ଏଗ୍ରିକଲଚର

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଭାରତର କୃଷିକ୍ଷେତ୍ରକୁ ଏକ ଅଗ୍ରଣୀ କ୍ଷେତ୍ରଭାବେ ବିକଶିତ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ।

କୃଷି ହେଉଛି ଭାରତର ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ମେରୁଦଣ୍ଡ। ଏହା ଲକ୍ଷ ଲକ୍ଷ ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ସହ ବ୍ୟକ୍ତିର ପରିଚୟ ସୃଷ୍ଟି କରିଥାଏ। ଭାରତ ଅମୃତ କାଳରେ ପ୍ରବେଶ କରିବା ସହିତ ସଶକ୍ତ କୃଷକମାନେ ଦେଶକୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତାରୁ ନେତୃତ୍ୱକୁ ନେବା ଆଗେଇ ଚାଲିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ କୃଷି ମନ୍ତ୍ରଣାଳୟର ବଜେଟ ପ୍ରାୟ ୨୨ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୧ ଲକ୍ଷ ୩୭ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାର ପ୍ରାଚୀରରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ତାଙ୍କ ଅଭିଭାଷଣରେ ଦୋହରାଇଛନ୍ତି, ଦେଶର କୃଷକମାନେ ହେଉଛନ୍ତି ସରକାରଙ୍କ ସବୁଠାରୁ ବଡ଼ ପ୍ରାଥମିକତା ଏବଂ କୃଷକଙ୍କ ସ୍ୱାର୍ଥରେ କୌଣସି ଆପୋଷ ବୁଝାମଣା କରାଯିବ ନାହିଁ।

କୃଷକଙ୍କ ସ୍ୱାର୍ଥ ସୁନିଶ୍ଚିତ କରିବା ଦିଗରେ ସରକାର ନିରନ୍ତର କାର୍ଯ୍ୟ କରି ଗତ ୧୧ ବର୍ଷ ମଧ୍ୟରେ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ

୮୧ ପ୍ରତିଶତ ବୃଦ୍ଧି କରି ୨୨୬ ପ୍ରତିଶତରେ ପହଁଞ୍ଚାଇଛନ୍ତି । ସେମାନଙ୍କ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବାକୁ ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ଗତ ୬ ବର୍ଷ ମଧ୍ୟରେ ୩ ଲକ୍ଷ ୯୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ମାସିକ ୩୦୦୦ ଟଙ୍କା ପେନସନର ବ୍ୟବସ୍ଥା ରହିଛି । ଏହି ଯୋଜନାରେ ପ୍ରାୟ ୨୫ ଲକ୍ଷ କୃଷକ ପଞ୍ଜିକୃତ ହୋଇଛନ୍ତି । ସୁଲଭ ଏବଂ ସୁଗମ ଋଣ ସୁବିଧା ପ୍ରଦାନ କରିବା ପାଇଁ କିଷାନ କ୍ରେଡିଟ୍ କାର୍ଡ ଯୋଜନା ଅଧୀନରେ ଋଣ ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୧୦ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । କୃଷକ ଏବଂ ଖାଦ୍ୟ ସୁରକ୍ଷା ପାଇଁ ଅନ୍ୟ କେତେକ ପ୍ରମୁଖ ଯୋଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, କୃଷି ଭିତ୍ତିଭୂମି ପାଣ୍ଠି, ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ର ଏବଂ ଜାତୀୟ କୃଷି ବଜାର ଯୋଜନ ଆଦି ରହିଛି ।

## ଜିଏସ୍‌ଟି-ଟେକ୍ସଟାଇଲ୍

ଚଳିତ ସ୍ୱାଧୀନତା ଦିବସରେ ଦିଲ୍ଲୀର ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଘୋଷଣା କରିଥିଲେ । ଚଳିତ ମାସ ୩ ତାରିଖରେ ତାଙ୍କର ଲକ୍ଷ୍ୟ ସାକାର ହୋଇଥିଲା, ଯେତେବେଳେ ସାଧାରଣ ଲୋକଙ୍କ ଜୀବନଶୈଳୀକୁ ସହଜ ଓ ସରଳ କରିବା ପାଇଁ ଜିଏସଟି ପରିଷଦ ଅନେକ କ୍ଷେତ୍ରରେ ଟିକସ ହାର ହ୍ରାସ କରିଥିଲା । ଏହି ନୂଆ ଦର ଚଳିତ ମାସ ୨୨ ତାରିଖରୁ ଲାଗୁ ହେବ । ଏହାଦ୍ୱାରା ସାଧାରଣ

ଜନତା ଉପକୃତ ହେବେ। ଆଜି ଆମେ ସାଇକେଲ ଉଦ୍ୟୋଗ ଉପରେ ଆଲୋଚନା କରିବା।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ବିଭିନ୍ନ କ୍ଷେତ୍ରରେ ଟିକସ ହାର ହ୍ରାସ କରାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରିଛନ୍ତି । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ସାଇକେଲ ଉପରେ ଜିଏସଟି ହାର ପୂର୍ବରୁ ୧୨ ପ୍ରତିଶତ ଥିବାବେଳେ ଏହାକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି।

ଗଣମାଧ୍ୟମ ସହ କଥାବାର୍ତ୍ତା କରି ଜଣେ ସାଇକେଲ ବ୍ୟବସାୟୀ ପୁନୀତ ମେହେଟ୍ଟା ଏହି ପଦକ୍ଷେପକୁ ସ୍ୱାଗତ କରି କହିଛନ୍ତି, ଏହି ନିଷ୍ପତ୍ତି ଫଳରେ ସାଇକେଲ କ୍ରୟ କରିବା ପାଇଁ ଯୁବକମାନେ ଉତ୍ସାହିତ ହେବେ ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ଆପଣାଇବେ।

## ବୈଷ୍ଣବ-ଜିଏସ୍‌ଟି ରିଫର୍ମସ

ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆୟକର ଆଇନ ଏବଂ ଦ୍ରବ୍ୟ ଓ ସେବା ଟିକସରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କରାଯାଇଛି। ନୂଆଦିଲ୍ଲୀରେ ପି.ଏ.ଏଫ୍.ଆଇ.ର ବାର୍ଷିକ ଫୋରମ୍-୨୦୨୫ରେ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଯେପରି ଭାବେ ଜି.ଏସ୍.ଟି.ରେ ପରିବର୍ତ୍ତନ ଅଣାଯାଇଛି, ତାହା ଦୈନନ୍ଦିନ ଘରୋଇ ସାମଗ୍ରୀ ଏବଂ କୃଷି ଉତ୍ପାଦକୁ ଅଧିକ ସୁବିଧା ପ୍ରଦାନ କରିବ। ସେ

କହିଛନ୍ତି, ଯେତେବେଳେ ସାମଗ୍ରୀର ମୂଲ୍ୟ ଚାହିଦା ଠାରୁ କମ୍ ହେବ, ସେତେବେଳେ ଚାହିଦା ଯଥେଷ୍ଟ ବୃଦ୍ଧି ପାଇବ।

ରେଳ ଯାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇ ସୁରକ୍ଷା ପ୍ରକଳ୍ପରେ ପ୍ରତିବର୍ଷ ୧ ଲକ୍ଷ ୩୦ ହଜାର କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି। ସେ କହିଛନ୍ତି, ସରକାରଙ୍କ ଅହରହ ପ୍ରୟାସ ଯୋଗୁଁ ୨୦୧୩-୧୪ ମସିହାରେ ଦୁର୍ଘଟଣା ସଂଖ୍ୟା ବାର୍ଷିକ ୧୭୦ରୁ ହ୍ରାସ ପାଇ ୩୧ରେ ପହଞ୍ଚିଛି। ସରକାର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜି ନିବେଶ କରିବା ସହ ରକ୍ଷଣାବେକ୍ଷଣ ପଦ୍ଧତିରେ ଉନ୍ନତି ଆଣିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ଛତିଶଗଡ଼ ଏନକାଉଣ୍ଟର

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ହୋଇଥିବା ଗୁଳିବିନିମୟ ଘଟି ଜଣେ ମାଓବାଦୀର ମୃତ୍ୟୁ ହୋଇଛି। ଗାଦିରାସ ଏବଂ ଫୁଲ ବାଗଡ଼ି ମଧ୍ୟରେ ଥିବା ଜଙ୍ଗଲ ଅଞ୍ଚଳରେ ଏହି ଗୁଳିବିନିମୟ ଘଟିଥିଲା। ଜିଲ୍ଲା ପୁଲିସ ଅଧୀକ୍ଷକ କିରଣ ଚାଭାନ କହିଛନ୍ତି, ସେହି ଅଞ୍ଚଳରେ ସୁରକ୍ଷାକର୍ମୀମାନଙ୍କ ପକ୍ଷରୁ ତଲାସୀ ଅପରେସନ୍ ଜାରି ରହିଛି।

## ଉତ୍ତରାଖଣ୍ଡ- ରେନ୍

ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଗତକାଲି ବିଳମ୍ବିତ ରାତିରେ ପ୍ରବଳ ବର୍ଷା ହେବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବାର ସୂଚନା ମିଳିଛି। ନନ୍ଦନଗର ଅଞ୍ଚଳର ଚାରୋଟି ଗ୍ରାମ ସବୁଠାରୁ ଅଧିକ ପ୍ରଭାବିତ ହୋଇ ଏଥିରେ ୧୪ ଜଣ ନିଖୋଜ ଥିବା ସହ  ୨୦ ଜଣ ଆହତ ହୋଇଛନ୍ତି।

ଏହି ବର୍ଷା ବିପ୍ରାତରେ୩୫ଟି ଘର କ୍ଷତିଗ୍ରସ୍ତ ହେବା ସହ ପ୍ରାୟ ୨୦୦ ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନଙ୍କ ସହ ପରିସ୍ଥିତିର ସମୀକ୍ଷା କରିବା ସହ ତୁରନ୍ତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କ ଉପଯୁକ୍ତ ଚିକିତ୍ସା ତଥା ନିଖୋଜଙ୍କୁ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ, ଜଳ ଯୋଗାଣ ଏବଂ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ପୁନରୁଦ୍ଧାର କରିବାକୁ ସେ କହିଛନ୍ତି।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଆଜି ଆବୁଧାବିରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସୁପର ଫୋର୍ ପର୍ଯ୍ୟାୟକୁ ଯିବା ଲାଗି ଆଫଗାନିସ୍ତାନ ଏହି ମ୍ୟାଚ୍‌କୁ ଜିତିବାକୁ ପଡ଼ିବ ।

ଆବୁଧାବିର ଶେଖ ଜାଏଦ ଷ୍ଟାଡିୟମରେ ଆସନ୍ତାକାଲି ଭାରତ' ଓମାନକୁ ଭେଟିବ। ପୂର୍ବରୁ ସୁପର ୪ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ଆସନ୍ତା ରବିବାର ଦିନ ଭାରତ' ପାକିସ୍ତାନ ବିପକ୍ଷରେ ପୁନର୍ବାର ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରଖିବ।